**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**21 June– 2026**

---

# ଯୋଗ ଦିବସ

ଆନ୍ତର୍ଜାତିକ ଯୋଗ ଦିବସ-୨୦୨୬ ଆଜି ପାଳନ କରାଯାଉଛି । 'ସୁସ୍ଥ ଆୟୁ ପାଇଁ ଯୋଗ' ପ୍ରସଙ୍ଗ ଆଧାରରେ ଦ୍ୱାଦଶ ଆନ୍ତର୍ଜାତିକ ଯୋଗ ଦିବସ ଦେଶ ଏବଂ ବିଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଛି ।

କୋଲକାତାର ଐତିହାସିକ ରେଡ୍ ରୋଡ଼ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଯୋଗ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯୋଗ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧିରଖିଛି । ଯୋଗ କୌଣସି ଗୋଟିଏ ଆୟୁବର୍ଗ ପାଇଁ ସୀମିତ ନୁହେଁ, ବରଂ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ । ଯୋଗ ମାଧ୍ୟମରେ ବୟସ ବଢ଼ିବା ସହ ଜଣେ ବ୍ୟକ୍ତି ସୁସ୍ଥ ଓ ସକ୍ରିୟ ରହିପାରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

୨୦୧୫ ମସିହାରୁ ଏହି ଦିବସ ବିଶ୍ୱସ୍ତରରେ ଜୁନ୍ ୨୧ ତାରିଖରେ ପାଳିତ ହୋଇଆସୁଛି । ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଆଜି ଦେଶବ୍ୟାପୀ ୧୦୦ଟି ପ୍ରତୀକାତ୍ମକ ସ୍ଥାନରେ ସ୍ୱତନ୍ତ୍ର ଯୋଗଦିବସର ଆୟୋଜନ କରାଯାଇଛି ।

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଯୋଗ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯୋଗ ଆଜି

କେବଳ ଦେଶ ଭିତରେ ସୀମିତ ନ ରହି ବିଶ୍ୱସାରା ଯୋଡ଼ିହୋଇ ରହିଛି । ଶାରିରୀକ ଏବଂ ମାନସିକ ସୁସ୍ଥତା ପାଇଁ ଯୋଗର ଆବଶ୍ୟକତା ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୋଗକୁ ନିଜ ଜୀବନଶୈଳୀର ଅଂଶ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି । ଯୋଗ ମହୋତ୍ସବରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବିଭିନ୍ନ ବର୍ଗର ବ୍ୟକ୍ତିମାନେ ସାମିଲ ହୋଇଥିଲେ ।

## ଏନ୍.ଟି.ଏ. - ପରୀକ୍ଷା କେନ୍ଦ୍ର

ଜାତୀୟ ପରୀକ୍ଷଣ ସଂସ୍ଥା – ଏନ୍.ଟି.ଏ. ଦ୍ୱାରା ପରିଚାଳିତ ନିଟ୍-ୟୁ.ଜି. ପୁନଃ ପରୀକ୍ଷା ଆଜି ଅନୁଷ୍ଠିତ ହେବ । ଦେଶର ୫୫୧ଟି ସହର ଏବଂ ବିଦେଶର ୧୪ଟି ସହରରେ ୨୨ ଲକ୍ଷ ୭୯ହଜାରରୁ ଅଧିକ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବେ । ପରୀକ୍ଷା ଅପରାହ୍ଣ ୨ଟାରୁ ୫ଟା ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଅବାଧ, ସ୍ୱଚ୍ଛ ପରୀକ୍ଷା ପରିଚାଳନା ପାଇଁ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ଉପନିବନ୍ଧକ–ନଗଦ ବିହୀନ କାରବାର

ରାଜ୍ୟର ସମସ୍ତ ଉପନିବନ୍ଧକ ଏବଂ ଜିଲ୍ଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ନଗଦ ବିହୀନ କାରବାର ନେଇ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ପର୍ଯ୍ୟାୟକ୍ରମେ ଏଥିପାଇଁ ୩୫୦ଟି ମେସିନ୍ ସ୍ଥାପନ କରାଯିବ । ଭାରତୀୟ ରିଜର୍ଭ ବ୍ୟାଙ୍କ ମାଧ୍ୟମରେ ଏହି ମେସିନ୍‌ଗୁଡ଼ିକୁ ଯୋଗାଇ ଦିଆଯିବ ।

ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, ବ୍ରହ୍ମପୁର ଏବଂ ସମ୍ବଲପୁରରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଛି ।

## ଜନସମ୍ପର୍କ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର ପୌର ପରିଷଦ ପକ୍ଷରୁ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଋଷି ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହରର ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟ ନେଇ ଜନସାଧାରଣଙ୍କ ସହ ସିଧାସଳଖ ମତବିନିମୟ ହୋଇଛି । କାର୍ଯ୍ୟକ୍ରମରେ ୬୦ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା କାର୍ଡ ବଣ୍ଟନ କରାଯାଇଛି ।

## ଅଙ୍ଗନବାଡି କେନ୍ଦ୍ର ଗସ୍ତ

ନୟାଗଡ ଜିଲ୍ଲାର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରକୁ ଗତକାଲି ମହିଳା ଓ ଶିଶୁବିକାଶ ବିଭାଗର ଉପସଚିବ ମୋନାଲିସା ଦେବତା ଗସ୍ତ କରିଥିଲେ । ସେଠାରେ ଶିଶୁଙ୍କୁ ପ୍ରଦାନ କରାଯାଉଥିବା ପୁଷ୍ଟିକର ଖାଦ୍ୟ, ପ୍ରାକ୍ ପ୍ରାଥମିକ ଶିକ୍ଷା ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ନେଇ ସମୀକ୍ଷା କରିଛନ୍ତି ।

## ସଚେତନତା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗତକାଲି ଶିଶୁଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମ ୨୦୨୬ ଅନୁଷ୍ଠିତ

ହୋଇଯାଇଛି । ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ଯୋଗ ଦେଇ ଶିଶୁଙ୍କ ସୁରକ୍ଷା ପାଇଁ ରହିଥିବା ବିଭିନ୍ନ ଆଇନ୍ ଉପରେ ଆଲୋକପାତ କରିଥିଲେ ।

## ବୈଠକ

ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ମ୍ୟାଲେରିଆ ମାସ ପାଳନ ନେଇ ଏକ ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅମ୍ବର କୁମାର କର ବୈଠକରେ ଅଧ୍ୟକ୍ଷତା କରି ସମସ୍ତ ଆବାସିକ ବିଦ୍ୟାଳୟ ଗୁଡ଼ିକରେ ମଶାରି ବ୍ୟବହାର ନେଇ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଆସନ୍ତା ସପ୍ତାହରେ ହେବାକୁ ଥିବା ଫାଇଲେରିଆ ରୋଗୀ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସବୁ ପଞ୍ଚାୟତର ସରପଞ୍ଚଙ୍କୁ ସଚେତନ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି ।

## ଶୀତଳଷଷ୍ଠୀ ଉଦ୍‌ଯାପିତ

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଦେବଦେବ ମହାଦେବ ଏବଂ ମାତା ପାର୍ବତୀଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ସହ ଉଦ୍‌ଯାପିତ ହୋଇଛି । ଶୁକ୍ରବାର ମଧ୍ୟରାତ୍ରିରୁ ଆରମ୍ଭ ହୋଇଥିବା ଦେବ ଦମ୍ପତ୍ତିଙ୍କ ନଗର ପରିକ୍ରମା ଶୋଭାଯାତ୍ରା ଗତ ସଂଧ୍ୟାରେ ସମ୍ପନ୍ନ ହୋଇଛି । ପ୍ରବଳ ଗରମ ଓ

ଗୁଳଗୁଳି ସତ୍ତ୍ୱେ ଶୋଭାଯାତ୍ରାରେ ବହୁ କଳାକାର ଏବଂ ଶ୍ରଦ୍ଧାଳୁ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ।

## ଜନସମ୍ପର୍କ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର ପୌର ପରିଷଦ ପକ୍ଷରୁ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଋଷି ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହରର ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟ ନେଇ ଜନସାଧାରଣଙ୍କ ସହ ସିଧାସଳଖ ମତବିନିମୟ ହୋଇଛି । କାର୍ଯ୍ୟକ୍ରମରେ ୬୦ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା କାର୍ଡ ବଣ୍ଟନ କରାଯାଇଛି ।

## ସନ୍ତରଣ ପ୍ରତିଯୋଗିତା

ଗୁଜୁରାଟର ଅହମ୍ମଦାବାଦଠାରେ ଚାଲିଥିବା ଜାତୀୟ ବରିଷ୍ଠ ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶାର ମନ୍ନତା ମିଶ୍ର କାଂସ୍ୟ ପଦକ ଜିତିଛନ୍ତି । ପୂର୍ବରୁ ପ୍ରତ୍ୟାଶା ରାୟ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି ।

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାବେଳେ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ

ଆସନ୍ତ ୪ ଦିନ ପର୍ଯ୍ୟନ୍ତ ବର୍ଷା ଲାଗିରହିବ । ଏଥିପାଇଁ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ବର୍ଷାର ପ୍ରଭାବରେ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଛି । ଗତକାଲି ଝାରସୁଗୁଡା ଓ ବୌଦ୍ଧରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରହିଥିଲା ।